ସମ୍ବାଦ

# କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ରମାକାନ୍ତ ରଥଙ୍କ ଶୋକସଭା




ଭୁବନେଶ୍ୱର, ୯/୪(ଇମିସ): ନୂଆଦିଲ୍ଲୀ ରବୀନ୍ଦ୍ର ଭବନସ୍ଥିତ କାର୍ଯ୍ୟାଳୟରେ କେନ୍ଦ୍ର ସାହିତ୍ୟ ଅକାଦେମି ତରଫରୁ ପ୍ରଖ୍ୟାତ ଓଡ଼ିଆ କବି ରମାକାନ୍ତ ରଥଙ୍କ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସାହିତ୍ୟ ଅକାଦେମିର ସଚିବ ଡ. କେ. ଶ୍ରୀନିବାସରାଓ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସ୍ୱର୍ଗତ ରଥଙ୍କ କନ୍ୟା ଶ୍ୟାମା ରଥ ନିଜ ଅନୁଭୂତି ବାଣ୍ଟିଥିଲେ। ସେ କହିଥିଲେ ଯେ ସ୍ୱର୍ଗତ ରଥ ଖୁବ୍ ସ୍ନେହୀ ଓ ଭଲ ମଣିଷ ଥିଲେ। ତାଙ୍କ ଝିଅ ହୋଇ ସେ ନିଜକୁ ଭାଗ୍ୟବାନ ମନେ କରନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଯୋଗ ଦେଇଥିବା ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ସ୍ୱର୍ଗତ ଲେଖକଙ୍କ ସ୍ମୃତିଚାରଣ କରିଥିଲେ। ସାହିତ୍ୟ ଅକାଦେମିର ଇଂରାଜୀ ପରାମର୍ଶଦାତା ବୋର୍ଡର ସଂଯୋଜକ ପ୍ରଫେସର ମାଲାଶ୍ରୀ ଲାଲ ଇଂରାଜୀ ସାହିତ୍ୟ ଜଗତ ତାଙ୍କ ପ୍ରତି ଋଣୀ ବୋଲି କହିଥିଲେ। ଡ. ସୁକୃତା ପାଲ କୁମାର କହିଥିଲେ ଯେ, ଦେବୀ ନୁହେଁ ବରଂ ରାଧାଙ୍କୁ ମାନବ ରୂପେ ଚିତ୍ରଣ କରିଥିଲେ ଶ୍ରୀ ରଥ। ସାହିତ୍ୟ ଅକାଦେମିର ଓଡ଼ିଆ ପରାମର୍ଶ ମଣ୍ଡଳୀର ଆବାହକ ଡ. ଗୌରହରି ଦାସ କବିଙ୍କ ମହାନ କୃତି ଶ୍ରୀରାଧା ଓ ଶ୍ରୀ ପଳାତକର ସ୍ୱାତନ୍ତ୍ର୍ୟ ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଶ୍ରୀରାଧା ଅନୁବାଦ କରିବା ସମୟର ଅନୁଭୂତି ବାଣ୍ଟିଥିଲେ। ପାରମିତା ଶତପଥୀ ରମାକାନ୍ତ ରଥଙ୍କ କବିତାର କେତେକ ପଂକ୍ତି ପାଠ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଫେସର ସୁମନ୍ୟୁ ଶତପଥୀ, ଶ୍ରୀରାଧା ପ୍ରକାଶନର ଆଠ ବର୍ଷ ପରେ ଶ୍ରୀ ପଳାତକ କିପରି ପ୍ରକାଶିତ ହୋଇଥିଲା ଓ ଏହା ଶ୍ରୀରାଧାଙ୍କୁ କିପରି ପରିପୂରକ କରିଥିଲା ସେ ବିଷୟରେ କହିଥିଲେ। ଜିତେନ୍ଦ୍ର ନାଥ ମିଶ୍ର ସ୍ୱର୍ଗତ ଲେଖକଙ୍କ କବିତା ସଂକଳନ ସପ୍ତମ ଋତୁ ଉପରେ ବକ୍ତବ୍ୟ ରଖିଥିଲେ। ଲେଖିକା ପ୍ରତିଭା ରାୟ ପଠାଇଥିବା ଶୋକ ବାର୍ତ୍ତା ପାଠ କରାଯାଇଥିଲା। ଶେଷରେ ସାହିତ୍ୟ ଅକାଦେମିର ସଭାପତି ଡ. ମାଧବ କୌଶିକ କହିଥିଲେ ଯେ, ରମାକାନ୍ତ ରଥ ପାଠକଙ୍କୁ ମୃତ୍ୟୁ ଭୟରୁ ସବୁବେଳେ ମୁକ୍ତ କରନ୍ତି।